ପ୍ରମେୟ
THE PRAMEYA

# ଓପନ୍ ଆକ୍ସେସ୍‌ରେ ଏନ୍‌ଆଇଏନ୍‌ଏଲ୍‌ର ବିଦ୍ୟୁତ୍ ବିକ୍ରି ଆରମ୍ଭ

ଭୁବନେଶ୍ୱର,୧୬।୨(ବ୍ୟୁରୋ): ଏନ୍‌ଆଇଏନ୍‌ଏଲ୍ ନିଜର ପାୱାର ପ୍ଲାଣ୍ଟରୁ ଉତ୍ପାଦନ କରୁଥିବା ବଳକା ବିଦ୍ୟୁତ୍‌କୁ ଓପନ୍ ଆକ୍ସେସ୍ ଜରିଆରେ ବିକ୍ରି କରିବା ଆରମ୍ଭ କରିଛି। ଏହାଦ୍ୱାରା କମ୍ପାନି ମାସକୁ ପାଖାପାଖି ୧ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ଆୟ କରିପାରିବ ବୋଲି ଆକଳନ କରାଯାଇଛି। ପିଟିସି ଇଣ୍ଡିଆ ଲିମିଟେଡ୍ ସହିତ ଏନ୍‌ଆଇଏନ୍‌ଏଲ୍‌ର ହୋଇଥିବା ଏକ ଚୁକ୍ତି ଦ୍ୱାରା ଓପନ୍ ଆକ୍ସେସ୍ ମାଧ୍ୟମରେ ବିଦ୍ୟୁତ୍ ବିକ୍ରି ସମ୍ଭବ ହୋଇପାରିଛି।

ଉଲ୍ଲେଖଥାଉ କି ପାୱାର ଟ୍ରେଡିଙ୍ଗ୍ କ୍ଷେତ୍ରରେ ପିଟିସି ଇଣ୍ଡିଆ ଲିମିଟେଡ୍ ହେଉଛି ଏକ ଅଗ୍ରଣୀ କମ୍ପାନି। ତେଣୁ ଏହା ସହ ହୋଇଥିବା ଚୁକ୍ତି ଦ୍ୱାରା କମ୍ପାନି ସହଜରେ ବିଦ୍ୟୁତ୍ ବିକିପାରିବ। ଏହି ସଫଳତା ପାଇଁ ଏନ୍‌ଆଇଏନ୍‌ଏଲ୍‌ର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏସ୍ ଏସ୍ ମହାନ୍ତି କମ୍ପାନିର କର୍ମଚାରୀ ଓ ପିଟିସି ଇଣ୍ଡିଆକୁ ଶୁଭେଚ୍ଛା ଜଣାଇଛନ୍ତି।

ଏନ୍‌ଆଇଏନ୍‌ଏଲ୍‌ର ୬୨.୫ ମେଗାୱାଟ୍ କ୍ଷମତା ବିଶିଷ୍ଟ ପାୱାର ପ୍ଲାଣ୍ଟ ନିଜ ଆଭ୍ୟନ୍ତରୀଣ ଆବଶ୍ୟକତା ପୂରଣ କରିଥାଏ। ଏଥିରୁ ଉତ୍ପାଦିତ ବଳକା ବିଦ୍ୟୁତ୍‌କୁ ଗ୍ରୀଡ୍‌କୋକୁ ରପ୍ତାନି କରାଯାଏ। କିନ୍ତୁ ଏବେ କମ୍ପାନି ଓପନ୍ ଆକ୍ସେସ୍ ମାଧ୍ୟମରେ ବିକ୍ରି କରିପାରିବ। ବ୍ଲାଷ୍ଟ ଫର୍ଣ୍ଣେସ୍‌ରୁ ବାହାରୁଥିବା ଅଦରକାରୀ ଗ୍ୟାସ୍ ଓ କୋକ୍ ଓଭେନ୍‌କୁ ବ୍ୟବହାର କରି ଏନ୍‌ଆଇଏନ୍‌ଏଲ୍‌ର ବିଦ୍ୟୁତ୍ ପ୍ଲାଣ୍ଟ ବିଦ୍ୟୁତ୍ ଉତ୍ପାଦନ କରିଥାଏ। ଏଥିରେ କୋଇଲା ବ୍ୟବହୃତ ହୋଇ ନ ଥାଏ।